# ସମସ୍ତ ବେଆଇନ ଇଟାଭାଟି ଉଚ୍ଛେଦ ନିର୍ଦ୍ଦେଶ

**ଇଟା ଭାଟିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା**

- ସୁଧୁରିଯାଆ, ବେନିୟମ କାର୍ଯ୍ୟ କରନି-ଜିଲାପାଳ
- ପୋଲିସ ପକ୍ଷରୁ ଥାନାରେ ମାମଲା

ଢେଙ୍କାନାଳ,୧୬।୧୨(ରତନ ନାୟାର)



ଢେଙ୍କାନାଳ ଜିଲାରେ ଥିବା ସମସ୍ତ ବେଆଇନ ଇଟାଭାଟିକୁ ଉଚ୍ଛେଦ କରାଯିବ। ବାଲି, ପଥର ଓ ଚିପସ୍ ଚୋରାଚାଲାଣକାରୀ ନ ସୁଧୁରିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଶନିବାର ଏ ନେଇ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, କଣ୍ଟାବଣିଆ ଥାନା ମାନପୁରସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ବେଆଇନ ଇଟାଭାଟିରେ କାମ କରୁଥିବା ୨ଜଣ ଶ୍ରମିକ ଗୁରୁବାର ବିଳମ୍ବିତ ରାତିରେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର କଟକଠାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାର ନାଲି ଇଟାକୁ ନିଷିଦ୍ଧ କରିଥିବା ବେଳେ ବେଆଇନ ଭାବେ ନଦୀ କୂଳରେ ପାଣି ଓ ବାଲିକୁ ବ୍ୟବହାର କରି ନାଲି ଇଟା ତିଆରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ବେଆଇନ ଇଟା ଭାଟିକୁ ଉଚ୍ଛେଦ କରିବା ପାଇଁ ଜିଲାପାଳ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨ ଶ୍ରମିକ ମୃତ୍ୟୁ ଘଟଣାରେ ଜିଲାପାଳ ପ୍ରଶାସନ ପକ୍ଷରୁ ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଯତ୍ନବାନ ହେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଉକ୍ତ ଇଟା ଭାଟିରେ ଚୋରାରେ କୋଇଲା ଆଣି ବ୍ୟବହାର କରାଯାଉଥିବାରୁ କଣ୍ଟାବଣିଆ ପୋଲିସ ଘଟଣାର ତଦନ୍ତ କରି ଏ ସଂକ୍ରାନ୍ତରେ ଇଟାଭାଟି ମାଲିକଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ବେଆଇନ ଇଟାଭାଟି ଉଚ୍ଛେଦ କରିବା ପାଇଁ ପୂର୍ବାହ୍ନରୁ ନିର୍ଦ୍ଦେଶ ଦେଇଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ତହସିଲଦାର ଗୋଟିଏ ହେଲେ ଉଚ୍ଛେଦ ନ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରା କହିଛନ୍ତି, ରାଜସ୍ୱ ନିରୀକ୍ଷକ ଛୁଟିରେ ରହି ଆସି ନ ଥିବାରୁ ଉଚ୍ଛେଦ ହୋଇପାରିନାହିଁ। ତେବେ ଇଟାଭାଟି ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା ପୂର୍ବରୁ ରାଜସ୍ୱ ନିରୀକ୍ଷକ ହଠାତ୍ ଛୁଟିରେ ଯିବା ଏବଂ ଗୋଟିଏ ହେଲେ ଇଟାଭାଟି ଉଚ୍ଛେଦ ନ ହେବା ଘଟଣା ପଛରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଅହେତୁକ ଅନୁକମ୍ପା ରହିଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀ ନଦୀ କୂଳରେ ବେଆଇନ ଭାବେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଇଟାଭାଟି ରହିଛି। ସ୍ଥାନୀୟ ପ୍ରଶାସନ ଏ ସମ୍ପର୍କରେ ଜାଣି ଅଜଣା ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

# ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପିତ

ଢେଙ୍କାନାଳ,୧୬।୧୨(ରତନ ନାୟାର)/ ସାତମାଇଲ (ସୁଶାନ୍ତ ପତି)

**ସଦର ଏବଂ ଓଡ଼ାପଡ଼ା ବ୍ଲକର ୭୧୪୧ ଏକର ଜଳସେଚିତ ହେବ**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡା ଠାରେ ନବ ନିର୍ମିତ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଯୋଜନାରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଢେଙ୍କାନାଳ ଜିଲାର ସଦର ଏବଂ ଓଡ଼ାପଡ଼ା ବ୍ଲକର ୨୯ ରାଜସ୍ୱ ଗ୍ରାମର ୭୧୪୧ ଏକର ଡିପଜମି ଜଳସେଚିତ ହୋଇପାରିବ। ୭୩୮୬ଜଣ ଚାଷୀ ଉପକୃତ ହୋଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ାପଡ଼ା ବ୍ଲକର ଚାଷୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି ପ୍ରକଳ୍ପକୁ ନେଇ ଚାଷୀମାନେ ଖୁସିବ୍ୟକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ବ୍ଲକ କାର୍ଯ୍ୟାଳୟ ପଡିଆଠାରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ସହ ଜନସାଧାରଣ ଉପସ୍ଥିତ ଅଛନ୍ତି।

# ଯୁବପିଢ଼ିଙ୍କ ବିକାଶରେ ରାଜ୍ୟର ବିକାଶ

ଛେଣ୍ଡିପଦା,୧୬।୧୨ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅମିତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୁବପିଢ଼ିଙ୍କ ବିକାଶରେ ରାଜ୍ୟର ବିକାଶ ସହିତ ଦେଶର ବିକାଶ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସାତକୋଶିଆ ମହୋତ୍ସବ ଉଦ୍‌ଘାଟିତ**

# କଳା ସବୁବେଳେ କାଳଜୟୀ

ଅନୁଗୋଳ, ୧୬।୧୨ (ଅମିତ କୁମାର ସାମଲ)



ଅନୁଗୋଳର ନୃତ୍ୟାନୁଷ୍ଠାନ ନୃତ୍ୟନୀଳୟ ଆନୁକୂଲ୍ୟରେ ୧୧ଶ ସାତକୋଶିଆ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ସଭାଘର ଠାରେ ଆୟୋଜିତ ଏହି ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ କହିଥିଲେ, କଳା ସବୁବେଳେ କାଳଜୟୀ ଏବଂ ଯେଉଁ ଦେଶର କଳା ସଂସ୍କୃତି ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ। ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା କହିଲେ, ସରକାର ଏବେ କଳା ଓ କଳାକାରଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ତେଣୁ ଯୁବ ପ୍ରତିଭା ଏହାର ସୁଯୋଗ ନେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୀତା ମାହାଲିକ, ସାମାଜିକ କର୍ମୀ କୃଷ୍ଣା ମହାନ୍ତି, ସିନେ ଅଭିନେତା ଅଶୋକ ଦାସ ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ଅନିତା ସିଂହଦେଓ ପ୍ରମୁଖ ଯୋଗ ଦେଇଥିଲେ। ସମାରୋହରେ ଓଡ଼ିଶୀ ନୃତ୍ୟାଙ୍ଗନା ଗୀତା ମାହାଲିକ ଏବଂ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଡ଼ା ବିଜୟ କୁମାର ଜେନାଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମୃତି ଫଳକ ଦେଇ ସାତକୋଶିଆ ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା। ସଭା ଆରମ୍ଭରେ ନୃତ୍ୟନୀଳୟର ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପଦେଷ୍ଟା ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଖିଳ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ବିଜୟ କୁମାର ଜେନା ଏବଂ ସାଥୀଙ୍କ ପକ୍ଷରୁ ଓଡ଼ିଶୀ କଣ୍ଠ ସଙ୍ଗୀତ, ଗୀତା ମାହାଲିକଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ଭୁବନେଶ୍ୱର ନୃତ୍ୟାଙ୍କିତା ପକ୍ଷରୁ ଆକର୍ଷଣୀୟ ଓଡ଼ିଶୀ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ଶିକ୍ଷକଙ୍କ ମୃତ୍ୟୁ

ମାଧପୁର,୧୬।୧୨ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ଶଙ୍ଖାମାଳ ଗ୍ରାମର ଶିକ୍ଷକ ଶ୍ରୀନିବାସ ପ୍ରଧାନ (୪୯)ଙ୍କ ଶନିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ନାଏକପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ପ୍ରଧାନ ବିଦ୍ୟାଳୟରୁ ଘରକୁ ଫେରି ବଗିଚାରେ ଟୁଲୁ ପମ୍ପ ସହାୟତାରେ ପାଣି ଦେଉଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଅଚେତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ସହାୟତାରେ ନିକଟସ୍ଥ ବୌଦ୍ଧ ଜିଲା ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିକ୍ଷକ ପ୍ରଧାନ ଜଣେ ମେଳାପି ତଥା କ୍ରୀଡ଼ା ପ୍ରେମୀ ବ୍ୟକ୍ତି ଥିବାରୁ ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୩ ଦଫା ଦାବି ନେଇ ଗଣଧାରଣା

ତାଳଚେର,୧୬।୧୨ (ମନୋଜ ନନ୍ଦ)

ମହାନଦୀ କୋଇଲା ଖଣି ଠିକା ଶ୍ରମିକ ସଂଘ ସଭାପତି ତଥା ଡେରା ସରପଞ୍ଚ ଗୀତିଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ୩ ଦଫା ଦାବି ନେଇ ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ ଜିଏମ୍ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଗଣଧାରଣା ଦିଆଯାଇଛି। ଏମସିଏଲ ଅଧୀନ ସମସ୍ତ ରେଲୱେ ସାଇଡିଂ ଓ ସମସ୍ତ ରୋଡ୍ ସେଲ୍‌ର କୋଲ ସାମ୍ପ୍ଲିଙ୍ଗରେ ଠିକା ଶ୍ରମିକ ଭାବେ ଆଗରୁ କାର୍ଯ୍ୟ କରି ଆସୁଥିବା ସମସ୍ତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଏଚପିସି ଦରମା ପ୍ରଦାନ, ମାସିକ ୨୬ ଦିନ ହାଜିର ପ୍ରଦାନ ଦାବି କରାଯାଇଛି। ଏହି ଧାରଣାରେ ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ରଙ୍ଗାଧର ନାହାକ, ଭାଜପା ନେତା ବିଭୂତି ସାହୁ, ଘଣ୍ଟପଡ଼ା ସମିତି ସଭ୍ୟ କରୁଣାକର ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ନାରୀ ନେତ୍ରୀ ଜସ୍ମିନ ପ୍ରଧାନ, ଉର୍ମିଳା ଦେହୁରୀ, ସାମ୍ମୁଲ ଭୂତିଆ, ଶଙ୍କର୍ଷଣ ସାହୁ, ଶିଖର ନାଏକଙ୍କ ସମେତ ଶତାଧିକ ଶ୍ରମିକ ସାମିଲ ହୋଇଛନ୍ତି।



ତାଳଚେର ଜଗନ୍ନାଥ ଜିଏମ୍ ଅଫିସ ସମ୍ମୁଖରେ ଗଣଧାରଣା।

# ଦାବି ପୂରଣ ନ ହେଲେ ଧର୍ମଘଟ




ଅନୁଗୋଳ, ୧୬।୧୨ (ଅମିତ କୁମାର ସାମଲ)

ପ୍ରଦୂଷଣର ନିରାକରଣ, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ, ସମସ୍ତ ଖଣି ଓ କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଆଦି ୧୦ ଦଫା ଦାବି ପୂରଣ ନ ହେଲେ ଆସନ୍ତା ଜାନୁୟାରୀ ୩୦ରୁ ଧାରଣା, ଧର୍ମଘଟ ଓ ସତ୍ୟାଗ୍ରହ କରାଯିବ ବୋଲି ରାଷ୍ଟ୍ରୀୟ ମଜଦୁର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଶନିବାର ନାଲ୍‌କୋସ୍ଥିତ ନେସ୍ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ସହ ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ସାଧାରଣ ସମ୍ପାଦକ ସୌଭାଗ୍ୟ ପ୍ରଧାନ, ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ସମ୍ପାଦକ ପ୍ରଦୀପ ଦାସ, ବିଭବ ଜେନା, ଅନୁଗୋଳ ଜିଲା ସଭାପତି ଦିଗାମ୍ବର ଗଡ଼ନାୟକ, ଏନଟିପିସି ସଂଘ ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, ମହିଳା ସଭାନେତ୍ରୀ ପ୍ରଣତୀ ମିଶ୍ର, ଯୁବ ସଭାପତି ବିଷ୍ଣୁ ମୋହନ ରଥ, ମନୋଜ ସ୍ୱାଇଁ, ହେମନ୍ତ ପ୍ରଧାନ, ଅଶ୍ୱନୀ ସାମଲ, ପ୍ରକାଶ ବେହେରା, ଦେବାଶିଷ ଘୋଷ ଓ ଶ୍ରବଣ ସାମଲ, ସିଲି ସେଠୀ, ତପତି ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ

ଅନୁଗୋଳ,୧୬।୧୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ସମୂହ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦିନିକିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମୁଖ୍ୟ ବକ୍ତା ଭାବରେ କଟକ ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, କାର୍ଯ୍ୟକ୍ରମର ସଭାପତି ଭାବେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଗାମୀ ବୋର୍ଡ ପରୀକ୍ଷାରେ କିପରି ଛାତ୍ରୀଛାତ୍ରଙ୍କୁ ଅଧିକ ସଫଳତା ମିଳିପାରିବ ସେ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମଗ୍ର ଜିଲାରୁ ୨୪୯ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ୮ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ମୋଟ ୨୮୦ ଜଣ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲା ଶିକ୍ଷା ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଖଞ୍ଜଣି ବାଦକଙ୍କ ପରଲୋକ



କାମାକ୍ଷାନଗର,୧୬।୧୨( ଅମଜାନ ଖାନ)

କାମାକ୍ଷାନଗର ବ୍ଲକ ଶରଧାପୁର ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି ଭଜମନ ମଲ୍ଲିକ (୫୦)ଙ୍କ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଭାଇ ଫନୀ ମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଭଜମନଙ୍କର ସ୍ତ୍ରୀ, ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି। ମହିମା ଧର୍ମ ଗ୍ରହଣ କରିଥିବା ଭଜମନ ଆଜୀବନ ଗୈରିକ ବସନ ପରିଧାନ କରିବା ସହ ଭଲ ଖଞ୍ଜଣି ବାଦକ ଭାବରେ ଅଞ୍ଚଳରେ ପରିଚିତ ଥିଲେ। ଦଣ୍ଡ ନାଚ ତଥା ଡ୍ରାମାରେ ମଧ୍ୟ ଅଭିନୟ କରୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରାବନ୍ଧିକାଙ୍କୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ

ବଇଣ୍ଡା,୧୬।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ କିଶୋରନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ପ୍ରାବନ୍ଧିକା ଚିନ୍ମୟୀ ମହାପାତ୍ରଙ୍କୁ ବୌଦ୍ଧ ଜିଲାର ନୀଳଚକ୍ର ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି କିଶୋରନଗର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ଭାବ ସମ୍ରାଟ ଡ. ସଞ୍ଜୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ଅଧ୍ୟକ୍ଷ ଡ. ଶ୍ୟାମା ପ୍ରସାଦ ମିଶ୍ର, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡ. ସୁଶାନ୍ତ ଦାସ, ଡ. ଅମରେଶ ସାହୁ, ଡ. ଲକ୍ଷ୍ମୀନାରାୟଣ ଦାଶ, ଡ. ଅଶୋକ କୁମାର ପଣ୍ଡା, କବି ପ୍ରଶାନ୍ତ ବାହିନୀପତି ପ୍ରମୁଖ ଯୋଗଦେଇ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉଭୟଙ୍କୁ କିଶୋରନଗର ବ୍ଲକ କିଶୋର ସାହିତ୍ୟ ସଂସଦ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।




ପ୍ରାବନ୍ଧିକାଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

# ଜନହିତକର ଯୋଜନା ପ୍ରଚାର ଉପରେ ଗୁରୁତ୍ୱ

**ବିଜେଡିର ୩ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ**

ଢେଙ୍କାନାଳ,୧୬।୧୨(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀମାନଙ୍କୁ ନେଇ ସହରସ୍ଥିତ ଶ୍ରୀରାମ ମଣ୍ଡପଠାରେ ଶନିବାର ଠାରୁ ଏକ ୩ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବିଧାୟକ ସୁଧୀର କୁମାର ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ବିଜେଡି ମୁଖପାତ୍ର ତଥା କାଳିଆ ଯୋଜନାର ଉପଦେଷ୍ଟା ସଞ୍ଜୟ ବାବୁ ଓ ପ୍ରଶିକ୍ଷକ ଭାବେ ଅଭିଷେକ ଜଗତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ, ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇ ଦଳ ସପକ୍ଷରେ ନୂତନ ଭୋଟରଙ୍କୁ କିଭଳି ଯୋଡାଯିବ ସେଥିପାଇଁ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଜନ ହିତକର ଯୋଜନା ସହିତ ଉନ୍ନତିମୂଳକ କାର୍ଯ୍ୟକୁ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଶିବିରରେ ସଦର ବ୍ଲକ, ଗଁଦିଆ ବ୍ଲକ ଏବଂ ଢେଙ୍କାନାଳ ପୌରାଞ୍ଚଳର ଶତାଧିକ କର୍ମୀ ଦିନକୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଉଛନ୍ତି। ଶିବିରରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ବିଜୁ କୃଷକ ଜନତା ଦଳ ସଭାପତି ନରୋତ୍ତମ ସାହୁ, ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଯୁବନେତା ଶ୍ରୀକାନ୍ତ ଧଳ, ସାଧାରଣ ସମ୍ପାଦକ ଶୁଭକାନ୍ତ ପଣ୍ଡା, ଉପସଭାପତି ସୁଧାଂଶୁ ଦଳେଇ, ସମ୍ପାଦକ ରଞ୍ଜନ ନାୟକ ଓ ଗଙ୍ଗାଧର ରାଉତ, ଜିଲା ମହିଳା ବିଜେଡି ଉପସଭାପତି ଉର୍ବଶୀ ମହାପାତ୍ର, ବରିଷ୍ଠ ନେତା ବିଶ୍ୱନାଥ ଜେନା, ପ୍ରଦୀପ କୁମାର ରାଉତ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ଅଜୟ କୁମାର ଭଞ୍ଜ ପ୍ରମୁଖଙ୍କ ସମେତ ଓ ବହୁ କର୍ମୀ ଉପସ୍ଥିତ ଥିଲେ।



ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନେ।

